ଯୁଗଯୁଗ ଧରି ଆମ ସଂସ୍କୃତି ଓ ପରଂପରାରେ ବିବାହ, ବ୍ରତ, ରାଜା ମହାରାଜାମାନଙ୍କ ଦ୍ୱାରା ଅନୁଷ୍ଠିତ ଜାଗ-ଯଜ୍ଞ ତଥା ପୂଜାପାର୍ବଣରେ ଅତିଥି/ଅଭ୍ୟାଗତ, ପ୍ରଜାଙ୍କୁ ଭୋଜନ ଦେଇ ଆପ୍ୟାୟିତ କରିବାର ବିଧାନ ଚଳି ଆସିଛି । ନିତ୍ୟ ଉତ୍ସବମୁଖର ଜଗନ୍ନାଥଙ୍କ ଲୀଳାକ୍ଷେତ୍ର ପୁରୀଧାମରେ ଆଗନ୍ତୁକ ଅଭାବୀ ତୀର୍ଥଯାତ୍ରୀ, ସାଧୁ, ସନ୍ଥ, ରୋଗୀ, ଯୋଗୀ, ଭିଖାରୀଙ୍କ ରହଣୀ ଓ ଅନ୍ନଭୋଜନ ସେବା ଲକ୍ଷ୍ୟରେ ଏକ ଦାତବ୍ୟ ଅନୁଷ୍ଠାନ ଦୀର୍ଘ ପା ବର୍ଷ ଧରି ଗଢିଉଠିଛି "ଅନ୍ନପୂର୍ଣ୍ଣା ଚ୍ୟରିଟେବୁଲ ଟ୍ରଷ୍ଟ ନାମରେ" । ଏହାର ପ୍ରତିଷ୍ଠାତା – ସଂଯୋଜକ ଡ଼ ପ୍ରମୋଦ କୁମାର ଆଚାର୍ଯ୍ୟ ଆପଣାର ଅକ୍ଲାନ୍ତ ଶ୍ରମ ଓ ସାଧୁ ଉଦ୍ୟମରେ ଅନେକ ବଦାନ୍ୟ ବ୍ୟକ୍ତିଙ୍କ ମନଫୁଲକୁ ଗୁନ୍ଥିଛନ୍ତି ଏହି ନର ନାରାୟଣ ସେବା ସୂତ୍ରରେ ।

ନିରନ୍ତର ଏହି ଅନ୍ନଦାନ କାର୍ଯ୍ୟକ୍ରମ କିପରି ଚ୍ୟଲିଛି ଭାବିଲେ ଆଶ୍ଚର୍ଯ୍ୟ ଲାଗେ । ଦୃଷ୍ଟାନ୍ତ ସ୍ୱରୂପ କିଛି ନଥିବାବେଳେ ଯେତେବେଳେ ସବୁ ସାମଗ୍ରୀ ଅଥବା ଆର୍ଥିକ ଅନୁଦାନ କୌଣସି ସୂତ୍ରରୁ ଆସି ପହି ଯାଏ ସେତେବେଳେ ସେ ପ୍ରମୋଦିତ ମାନସରେ (ପ୍ରମୋଦ ବାବୁ) ଋଷିପ୍ରତୀମ ତାଙ୍କ ପିତାମହ ହରିହରଙ୍କ କଥାକୁ ମନେପକାଇ ବହୁବାର ନିଜେ କହୁଥିବାର ମୁଁ ଶୁଣିଛି "ଦିଅଁ ତ କାଶୀ-ନରହେ ବାସୀ, କାହୁଁ କାହୁଁ ହେଲେ ମିଳିବ ଆସି । ଯାଦୃଶୀ ଭାବନା ଯସ୍ୟ ସିଦ୍ଧି ର୍ଭବତି ତାଦୃଶୀ"- ଏହି ନ୍ୟାୟରେ ପ୍ରମୋଦ ବାବୁଙ୍କ କ୍ରାନ୍ତିକାରୀ ଦାନାଭିଯାନ ଘୋଷଯାତ୍ରା ଚ୍ୟଲିଛି ନିର୍ଘୋଷରେ ଶ୍ରଦ୍ଧାର ଶରଧାବାଲିରେ । ଏହି ମହାନ୍ ବ୍ରତରେ ସେ ନିଜେ ବ୍ରତୀ ହେବା ସହିତ ଅନ୍ୟମାନଙ୍କୁ ଆକର୍ଷିତ କରି ଯୋଡିଛନ୍ତି ଏଥିରେ ।

ସାଧୁ, ସନ୍ଥ, ଦୁଃଖୀରଙ୍କୀ, ଜନସେବାର ଏହି ଦିବ୍ୟ ତରଙ୍ଗିଣୀ ସମସ୍ତଙ୍କୁ ସ୍ନାନ କରିବାର ପୁଣ୍ୟବାରୁଣୀ ଯୋଗ ଆଣିଦେଉ । "ଅନ୍ନପୂର୍ଣ୍ଣା ଚ୍ୟରିଟେବୁଲ ଟ୍ରଷ୍ଟ" ଓ ଏହାର ଆତ୍ମିକ ବା । ବହନ କରି ପ୍ରକାଶିତ ହେବାକୁ ଯାଉଥିବା "ଅନ୍ନଦା" ବାର୍ଷିକ ମୁଖପତ୍ର କ୍ରମଶଃ ସମୃଦ୍ଧ ହେଉ, ଏହି ଶୁଭକାମନା କରିବା ସହିତ ଲକ୍ଷ୍ମୀନାରାୟଣ ସ୍ୱରୂପ ଅତିଥି- ଅଭ୍ୟାଗତଙ୍କୁ ବିନମ୍ର ପ୍ରଣାମ ଜଣାଇ ଲେଖନୀକୁ ବିଶ୍ରାମ ଦେଉଛି ।

**ସଦସ୍ୟ**

**ଜିଲ୍ଲା କଳା ସଂସ୍କୃତି ସଂଘ, ପୁରୀ**